x) ‘ଭୋକିଲା ପେଟରେ ଧର୍ମ ଅନାବଶ୍ୟକ’ – ଏକଥା ବିବେକାନନ୍ଦ କାହାଠାରୁ ଶୁଣିଥିଲେ ?

A) ରାମକୃଷ୍ଣ ପରମହଂସ B) ବାଈଜୀ

C) କାର୍ଲମାର୍କସ୍ D) ବାରାକ୍ ଓବାମା

11. **ଯେକୌଣସି ଗୋଟିକର ସରଳାର୍ଥ ଲେଖ–** 5

i) ବାଜିଥିଲେ ଚୂର୍ଣ୍ଣ ବା ପାତାଳେ ଭଜିଥିବ

ବିନ୍ଧ୍ୟ ଭାନୁ ତୋଷି ହେଲେ ବଞ୍ଚାଇ ଦଇବ ଯେ ।

ii) ଅମାପ ଧରିୟୁଁ ଦେଏ ଟିକେ ମତେ

ନିଦା ହେଉ ମୋର ଛାତି

ନିଜେ ଦୁଃଖ ସହି ଏ ଜଗତ ପାଇଁ

ଲାଗିପଡ଼େ ଦିନ ରାତି ।

12. **ସଂକ୍ଷେପରେ ଉତ୍ତର ଲେଖ । (ଯେକୌଣସି 3 ଟିର)** 3x2=6

i. ତମସା ନଦୀ ସୀତାଙ୍କୁ କିପରି ସ୍ୱାଗତ ଜଣାଇଥିଲା ?

ii. ପାଣ୍ଡବଙ୍କ ହେତୁ ତ୍ରିଲୋଚନ କିଭଳି ବର୍ତ୍ତିଥିଲେ ?

iii. ଉତ୍କଳର ଆକାଶ କାହା କଳରବରେ ମୁଖରିତ ?

iv. ତିମିରକାରା ଭାଙ୍ଗିଦେବା କଥା କବି କାହିଁକି କହିଛନ୍ତି ?

v. ଶିଖାର ଉଠିବା ପଡ଼ିବା ସହିତ କବି କାହାକୁ ତୁଳନା କରିଛନ୍ତି ?

13. **ଉତ୍ତର ପର୍ଯ୍ୟାୟରୁ ସଠିକ ଉତ୍ତର ବାଛି ଲେଖ ।** 10x1=10

i) ବ୍ୟାସ ସରୋବରରେ ବ୍ୟାସଦେବ ଗୁପ୍ତରେ କେଉଁ କେଉଁ ଗ୍ରନ୍ଥ ରଚନା କରୁଥିଲେ ?

A) ମହାଭାରତ ଓ ରାମାୟଣ B) ମହାଭାରତ ଓ ବିଚିତ୍ର ରାମାୟଣ

C) ମହାଭାରତ ଓ ଚଣ୍ଡୀ ପୁରାଣ D) ମହାଭାରତ ଓ ଅଷ୍ଟାଦଶ ପୁରାଣ

ii) ‘ଶୀକର’ କହିଲେ କାହାକୁ ବୁଝାଏ ?

A) ଜଳକଣା B) ପର୍ବତ

C) ସମୁଦ୍ର D) ଜଳଧାରା

iii) ପାପଗର୍ତ୍ତରେ କିଏ ପଡ଼ିଥାଏ ?

A) ପାପୀ B) ଅଜ୍ଞାନ

C) ନାସ୍ତିକ D) ଜ୍ଞାନୀ

iv) ମରୁ ପଥରେ କବି କ’ଣ ସୃଷ୍ଟି କରିବାକୁ କହିଛନ୍ତି ?

A) ପୁଷ୍କରିଣୀ B) ନିର୍ଝର

C) ମରୁଦ୍ୟାନ D) କୂପ

v) ଆଶ୍ରମ ଧାତ୍ରୀ କିଏ ?

A) ଅନୁକମ୍ପା B) ତପସ୍ୱିନୀ

C) ଉଷା D) ତମସା

vi) କବି ଚିଲିକାକୁ କାହାର ସୋଦର ବୋଲି କହିଛନ୍ତି ?

A) କ୍ଷୀର ସମୁଦ୍ର B) ଚନ୍ଦ୍ରଚୂଡ଼

C) ନୀଳ ସାଗର D) ଦିଗଙ୍ଗନା

vii) 'ରାଘବଙ୍କ ଲଙ୍କାଯାତ୍ରାନୁକୂଳ' କବିତାଟି କେଉଁ ଆଦ୍ୟ ବର୍ଣ୍ଣ ନିୟମରେ ରଚିତ ?

A) 'ସ' B) 'ବ'

C) 'ଚ' D) 'ଟ'

viii) ମାଟିମାଆର ଦେହକୁ କାହା ସହିତ ତୁଳନା କରାଯାଇଛି ?

A) କଅଁଳ ପତ୍ର B) ସବୁଜ ଘାସ

C) ବହଳ ଅରଣ୍ୟ D) ପାହାଡ଼ ପଥର

ix) ପଠିତ କବିତାରେ 'ବିକଚ-ରାଜୀବ-ଦୃଶା' କାହାକୁ କୁହାଯାଇଛି ?

A) ସୀତା B) ଅନୁକମ୍ପା

C) ଉଷା D) ତମସା

x) ଲକ୍ଷ୍ମୀ କାହିଁକି ଦୁର୍ଯ୍ୟୋଧନଙ୍କୁ ଛାଡ଼ି ପଳାଇଲେ ?

A) ଭୀମ ସିଂଘନାଦ ବଜାଇବାରୁ B) ବିଷ୍ଣୁ ଲକ୍ଷ୍ମୀଙ୍କୁ ସ୍ମରଣ କରିବାରୁ

C) ଦୁର୍ଯ୍ୟୋଧନ ବାହାସ୍ଫୋଟ ମାରିବାରୁ D) ଦୁର୍ଯ୍ୟୋଧନ ଲକ୍ଷ୍ମୀଙ୍କୁ ଅବଜ୍ଞା କରିବାରୁ

14. **ସଂକ୍ଷେପରେ ଉତ୍ତର ଲେଖ । (ଯେକୌଣସି 6 ଟିର)** 6x1=6

i) 'କୋଣାର୍କ' ଏକାଙ୍କିକାରେ କେଉଁ ପ୍ରସଙ୍ଗ ନାଟ୍ୟାୟିତ ?

ii) ବରଗଛର ପ୍ରତୀକ କିଏ ?

iii) କେତେଦିନରେ ଯୁଦ୍ଧ ଶେଷ ହେବ ବୋଲି ମହାମନ୍ତ୍ରୀ ମଗଧ ସମ୍ରାଟଙ୍କୁ କହିଥିଲେ ?

iv) 'ମୋତେ ଯେତେ ମାଠିବୁ ମାଠ' କାହା ବିଷୟରେ କୁହାଯାଇଛି ?

v) ମଗଧ ସୈନ୍ୟଙ୍କ ନିକଟରୁ କ'ଣ ସରି ଆସୁଥିଲା ?

vi) କାହାକୁ ସୁମରଣା କରି ଅନୁକୂଳ କରିଯିବାକୁ ମା ଧରମାକୁ କହିଲେ ?

vii) ପ୍ରୀତି କାନିରେ କି ଜଳଖିଆ ଧରି ଆସିଥିଲେ ?

viii) କାଠୁରିଆର ଛୁଆମାନେ ପାଠ ନ ପଢ଼ିଲେ କ'ଣ କରିବେ ?

●●●